# NATIONAL NEWS BULLETIN (ODIA)
## 11 July - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଚଳିତ ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତି ନେଇ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନିଟ୍ ୟୁ.ଜି. ୨୦୨୪ ସଂକ୍ରାନ୍ତ ଆବେଦନ ଗୁଡ଼ିକର ଶୁଣାଣିକୁ ଆସନ୍ତା ୧୮ ତାରିଖକୁ ଧାର୍ଯ୍ୟ କଲେ ସୁପ୍ରିମ୍‌କୋର୍ଟ୍ ।
- ଦେଶର ପ୍ରମୁଖ ବନ୍ଦର ଗୁଡ଼ିକର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ବୋଲି କହିଲେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ।
- ଦେଶରେ ପରିବାର ନିୟୋଜନ ଲକ୍ଷ୍ୟ ନେଇ ସୁଗମ ମଡେଲ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ।

ଏବଂ

- ଦେଶର ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ସୂଚନା ।

# ପିଏମ୍‌-ବଜେଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଚଳିତ ଆର୍ଥିକ ବର୍ଷର ବଜେଟ୍‌ ପ୍ରସ୍ତୁତି ନେଇ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କରିଛନ୍ତି । ଏହି ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିତିଆୟୋଗର ଉପାଧ୍ୟକ୍ଷ ସୁମନ ବେରି ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ସମେତ ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞ ଉପସ୍ଥିତ ଥିଲେ ।

ସଂସଦର ବଜେଟ୍‌ ଅଧିବେଶନ ଚଳିତ ମାସ ୨୨ରେ ଆରମ୍ଭ ହେବାକୁ ଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୩ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍‌ ଲୋକସଭାରେ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦିଙ୍କ ତୃତୀୟପାଳି ସରକାରର ଏହା ପ୍ରଥମ ବଜେଟ୍‌ ହେବ । ଗତ ମାସରେ ଅନୁଷ୍ଠିତ ସଂସଦର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଥିଲେ ଆଗାମୀ ବଜେଟ୍‌ ଭବିଷ୍ୟତ ଲକ୍ଷ୍ୟ ପୂରଣ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏଥିରେ ପ୍ରମୁଖ ଆର୍ଥିକ ଏବଂ ସାମାଜିକ ସୁଧାର ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଯୋଗୁଁ ଗତ ଫେବୃୟାରୀ ମାସରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍‌ ଆଗତ କରିଥିଲେ ।

# ଓମ୍‌ବିର୍ଲା–ବ୍ରିକ୍ସ

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ବ୍ରିକ୍ସ ସଂଗଠନର ଅଭିବୃଦ୍ଧି ଏବଂ ନିରନ୍ତର ବିକାଶକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ରୁଷର ସେଣ୍ଟ ପିଟର୍ସ୍‌ବର୍ଗ ଠାରେ ଆୟୋଜିତ ଦଶମ ବ୍ରିକ୍ସ ସଂସଦୀୟ ଫୋରମ୍‌ରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବାଚସ୍ପତି ଶ୍ରୀ ବିର୍ଲା ଏହା କହିଛନ୍ତି । ସେ କହିଛନ୍ତି, ଗତ ଲୋକସଭା ନିର୍ବାଚନରେ ଦେଶର ୬୫ କୋଟି ମତଦାତା ମତାଧିକାର ସାବ୍ୟସ୍ତ କରିବା ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ସଫଳ ନିଦର୍ଶନ । କ୍ରମାଗତ ଦ୍ୱିତୀୟଥର ପାଇଁ ଲୋକସଭାରେ ବାଚସ୍ପତି ଦାୟିତ୍ୱ ନିର୍ବାହ କରିବା ସୁଯୋଗ ମିଳିଥିବାରୁ ସେ ନିଜକୁ ଧନ୍ୟ ମନେ କରୁଛନ୍ତି । ବ୍ରିକ୍ସ ସଂସଦୀୟ ଫୋରମ୍‌ରେ ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସକୁ ଶ୍ରୀ ବିର୍ଲା ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ଏହି ନୂତନ ସଦସ୍ୟଙ୍କ ଯୋଗଦାନ ଦ୍ୱାରା ବ୍ରିକ୍ସ ସଂଗଠନ ଅଧିକ ମଜବୁତ ହେବା ସହ ବିଶ୍ୱସ୍ତରରେ ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବାରେ ବିଶେଷ ସହାୟକ ହେବ ।

## ଏସ୍.ସି.-ନିଟ୍

ନିଟ୍ ୟୁ.ଜି. ୨୦୨୪ ସଂକ୍ରାନ୍ତ ଆବେଦନ ଗୁଡ଼ିକର ଶୁଣାଣିକୁ ଆସନ୍ତା ୧୮ ତାରିଖକୁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଇତିମଧ୍ୟରେ ସମସ୍ତ ପକ୍ଷ ସେମାନଙ୍କର ଜବାବ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି । ଏ ସଂକ୍ରାନ୍ତ ମାମଲା ଗୁଡ଼ିକ ଶୁଣାଣି ପାଇଁ ପୂର୍ବରୁ ଆଜିକୁ ଦିନ ଧାର୍ଯ୍ୟ କରାଯାଇଥିଲା । ଗତ ମେ ମାସ ୫ ତାରିଖରେ ଅନୁଷ୍ଠିତ ନିଟ୍ ୟୁ.ଜି. ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ପ୍ରଘଟ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଏକାଧିକ ଆବେଦନର ସୁପ୍ରିମ୍‌କୋର୍ଟରେ ବିଚାର ଚାଲିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତକାଲି ଦାଖଲ କରାଯାଇଥିବା ସତ୍ୟପାଠରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶିକ୍ଷା ମନ୍ତ୍ରଣାଳୟ ଆଇ.ଆଇ.ଟି. ମାଡ୍ରାସ୍‌କୁ ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାର୍ଥୀଙ୍କ ଫଳାଫଳର ବିଶ୍ଳେଷଣ କରିବାକୁ ଅନୁରୋଧ କରିଥିବା ସଂକ୍ରାନ୍ତ ତଥ୍ୟ ଦାଖଲ କରିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ନିଟ୍

ନିଟ୍ ୟୁ.ଜି. ପରୀକ୍ଷାର୍ଥୀ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି । ଛାତ୍ରଛାତ୍ରୀମାନେ ନିଟ୍

ୟୁ.ଜି. ପରୀକ୍ଷା ଏବଂ ଏହାର ଅନିୟମିତତା ପରିସ୍ଥିତିରେ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକ ବିଷୟରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଭାବବିନିମୟ କରିଥିଲେ ।

## କେରଳ-ସର୍ବାନନ୍ଦ ସୋନଓ୍ୱାଲ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ଦେଶରେ ପ୍ରମୁଖ ବନ୍ଦର ଗୁଡ଼ିକର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । କେରଳ ତିରୁଅନନ୍ତପୁରମ୍ ସ୍ଥିତ  ଭିନ୍‌ଜାମ୍ ଲାଇଟ୍ ହାଉସ୍ ଠାରେ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କେନ୍ଦ୍ର ସରକାର ଲାଇଟ୍ ହାଉସ୍ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ  ନେତୃତ୍ୱରେ ଆନ୍ତର୍ଜାତିକ ମାନଦଣ୍ଡକୁ ଅନୁସରଣ କରି ଦେଶର ଲାଇଟ୍ ହାଉସ୍ ଗୁଡ଼ିକୁ ବିକଶିତ କରାଯିବ ବୋଲି ସେ କହିଛନ୍ତି । ଦେଶକୁ ବିଶ୍ୱର ଏକ ଅଗ୍ରଣୀ ସାମୁଦ୍ରିକ ରାଷ୍ଟ୍ର ଭାବେ ପରିଗଣିତ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ସୋନଓ୍ୱାଲ୍ ଆସନ୍ତାକାଲି ଭିନ୍‌ଜାମ୍ ବନ୍ଦରରେ ପ୍ରଥମ କଣ୍ଟେନର ଜାହାଜ ସାନ୍ ଫର୍ଣ୍ଣାଣ୍ଡୋର ଆଗମନ ଉଦ୍ଦେଶ୍ୟରେ ଆୟୋଜିତ ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗଦେବେ । ଚୀନ୍‌ର ଜିଆମେନ୍ ବନ୍ଦରରୁ ଯାତ୍ରା ଆରମ୍ଭ କରିଥିବା ସାନ୍ ଫର୍ଣ୍ଣାଣ୍ଡୋ ଜାହାଜକୁ ଆଜି ସକାଳେ ଭିନ୍‌ଜାମ୍  ବନ୍ଦରରେ

ଜଳସଲାମ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍‌ଙ୍କ ସମେତ ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅଧିକାରୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆଗକୁ ଏହି ବନ୍ଦରରେ ବହୁ ବଡ଼ ବଡ଼ ଜାହାଜ ଏବଂ ବିଶ୍ୱସ୍ତରୀୟ ମାଲ୍ ପରିବାହୀ ଜାହାଜ ଆସିବାର ଆଶା କରାଯାଉଛି ।

## ପପୁଲେସନ ଡେ

ବିଶ୍ୱରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଓ ତତ୍‌ଜନିତ ଆହ୍ୱାନଗୁଡ଼ିକର ମୁକାବିଲା କରିବା ଲାଗି ଆଜି ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହେଉଛି । ଏହି ଦିବସ ପ୍ରତ୍ୟେକ ବର୍ଷ ଜୁଲାଇ ମାସ ୧୧ ତାରିଖରେ ପାଳନ କରାଯାଇଥାଏ । ଭବିଷ୍ୟତ ଲାଗି ବୃଦ୍ଧି ପାଉଥିବା ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବା ଲାଗି ସଚେତନ କରାଇବା ଓ ଏଥିପାଇଁ ଆବଶ୍ୟକ ଉପାୟ କରିବା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ । ୧୯୮୯ ମସିହାରେ ଜାତିସଂଘରେ ଏହି ଦିବସ ପାଳନ ନେଇ ସଂକଳ୍ପ ଗୃହୀତ ହୋଇଥିଲା । ୧୯୯୦ ଡିସେମ୍ବର ମାସରେ ଜାତିସଂଘ ସାଧାରଣ ସଭା ଏହି ଦିବସ ପାଳନ ଲାଗି ବିଧିବଦ୍ଧ ଭାବେ ଘୋଷଣା କରିଥିଲା । ସେହିବର୍ଷ ଜୁଲାଇ ମାସରେ ପ୍ରାୟ ୯୦ଟି ଦେଶରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଥିଲା । ଚଳିତବର୍ଷ ଏହି ଦିବସର

ବାର୍ତ୍ତା ରହିଛି **କାହାକୁ ପଛରେ ଛାଡ଼ିବା ନାହିଁ, ସମସ୍ତଙ୍କୁ ନେଇ ଆଗକୁ ଯିବା ।** ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଏହି ଦିବସ ଅବସରରେ ପରିବାର ନିୟୋଜନ ଲକ୍ଷ୍ୟରେ ସୁଗମ ମଡେଲ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ବିଭିନ୍ନ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସହିତ ଭର୍ଚୁଆଲ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ଆଲୋଚନା କରିଛନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଆଧାରରେ ଅଧିକ ଜନସଂଖ୍ୟାହାର ଥିବା ରାଜ୍ୟ ଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯିବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱାରୋପ କରିଥିଲେ ।

## ଜେଆଣ୍ଡକେ-ବିଏସ୍ଏଫ୍

ଜାମ୍ମୁ କାଶ୍ମୀରର କାଠୁଆ ଠାରେ ଆଜି ଏକ ଉଚ୍ଚସ୍ତରୀୟ ଆନ୍ତଃ ରାଜ୍ୟ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜାମ୍ମୁ କାଶ୍ମୀର ପୁଲିସ୍ ମହାନିର୍ଦ୍ଦେଶକ ଆର୍.ଆର୍. ସ୍ୱାଇଁ ପଞ୍ଜାବର ପୁଲିସ ମହାନିର୍ଦ୍ଦେଶ ଗୌରବ ଯାଦବ ଏବଂ ସୀମା ସୁରକ୍ଷା ବଳ ପଶ୍ଚିମ କମାଣ୍ଡର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ସୀମାରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆନ୍ତର୍ଜାତିକ ସୀମା ପାର୍ କରି ଅନୁପ୍ରବେଶ କରିଥିବା ଆତଙ୍କବାଦୀମାନେ କାଠୁଆ ଜିଲ୍ଲାର ମାଚେଡ଼ି ଅଞ୍ଚଳରେ ସେନାର ତଲାସି ଅଭିଯାନକାରୀ ଦଳ ଉପରେ

ଆକ୍ରମଣ କରିବାର କିଛି ଦିନ ପରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଆକ୍ରମଣ ବେଳେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ଜୁନିୟର୍ କମିଶନ୍ ଅଫିସର୍-ଜେ.ସି.ଓ.ଙ୍କ ସମେତ ୫ ଜଣ ଯବାନ ସହିଦ ହୋଇଥିଲେ । ଆତଙ୍କବାଦୀମାନେ ଭାରତ-ପାକ୍ ସୀମା ଦେଇ ଅନୁପ୍ରବେଶ କରିଥିବା ଅନୁମାନ କରାଯାଇଛି । ଆନ୍ତର୍ଜାତିକ ସୀମା ଉଧମପୁରର ବସନ୍ତଗଡ଼ ଏବଂ ଡୋଡାର ଭଦେରୱ୍ୱକୁ ସଂଯୋଗ କରୁଥିବା ମାଚେଡ଼ିର ଘନ ଜଙ୍ଗଲରେ ପହଞ୍ଚିବାକୁ ସଫଳ ହେଉଛନ୍ତି ବୋଲି ଆଲୋଚନାରୁ ଜଣାପଡ଼ିଛି । ଏହି ଘଟଣାର ତଦନ୍ତ ଚାଲିଛି ଏବଂ ୫୦ରୁ ଅଧିକ ଲୋକଙ୍କୁ ଇତିମଧ୍ୟରେ ଅଟକ ରଖାଯାଇ ପଚରାଉଚରା କରାଯାଇଛି । ଏହି ବୈଠକରେ ଜାମ୍ମୁ କାଶ୍ମୀର ପୁଲିସ୍, ପଞ୍ଜାବ ପୁଲିସ୍ ଏବଂ ସୀମା ସୁରକ୍ଷା ବଳର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ବିଜେପି-ଜବ୍ସ

ବିଗତ ୧୦ ବର୍ଷ ମଧ୍ୟରେ ସାଢ଼େ ୧୨ କୋଟି ନିଯୁକ୍ତି ସୃଷ୍ଟି କରି ଭାରତ ବିଶ୍ୱର ଶ୍ରେଷ୍ଠ ନିଯୁକ୍ତି ସୃଷ୍ଟିକାରୀ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦିତ କରିଛି ବୋଲି ଭାରତୀୟ ଜନତା ପାର୍ଟି କହିଛି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଦଳର ମୁଖପାତ୍ର କହିଛନ୍ତି, ୨୦୦୪ରୁ ୨୦୧୪ ମଧ୍ୟରେ

ୟୁ.ପି.ଏ. ଶାସନ ଅମଳରେ ମାତ୍ର ୨ ଦଶମିକ୍ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ସ୍ଥିର ସରକାର ଏବଂ ରାଜନୈତିକ ଇଚ୍ଛାଶକ୍ତି ଯୋଗୁଁ ଏଭଳି ସଫଳତା ହାସଲ ହୋଇ ପାରିଛି ବୋଲି ଦଳ ପକ୍ଷରୁ କୁହାଯାଇଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ଆସନ୍ତା ଦୁଇ ଦିନ ମଧ୍ୟରେ ଦେଶର ଉତ୍ତରପୂର୍ବାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଦେଶର କୋଙ୍କଣ ଏବଂ ଗୋଆ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଆସନ୍ତାକାଲି ଠାରୁ ୧୫ ତାରିଖ ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗ, ସିକ୍କିମ୍, ବିହାର ଏବଂ ଉତ୍ତର ପୂର୍ବ ପାର୍ବତ୍ୟାଞ୍ଚଳରେ ଆସନ୍ତା ପାଞ୍ଚଦିନ ମଧ୍ୟରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ସେହିଭଳି ପଶ୍ଚିମ ଗାଙ୍ଗେୟ କ୍ଷେତ୍ର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।